# Akashvani, Sambalpur

# SAMBALPURI NEWS BULLETIN

## 4 April 2024- 6.47- 6.52 am.

*********************************************

ଗ୍ରୀଷ୍ମପ୍ରବାହ- ସ୍ୱାସ୍ଥ୍ୟମନ୍ତ୍ରୀ     ଏନ୍‌ଏସ୍‌ଡି

ଗ୍ରୀଷ୍ମ ପ୍ରବାହ ଜନିତ ରୋଗର ପରିଚାଳନା ପ୍ରସ୍ତୁତି ବାବ୍‌ଦେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର୍ ମନସୁଖ ମାଣ୍ଡଭିୟଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍  ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ମାନ୍‌କେ ଗ୍ରୀଷ୍ମପ୍ରବାହ ଜନିତ ରୋଗ୍‌ଥି ମୃତ୍ୟୁ ଆଉ ଆକ୍ରାନ୍ତଙ୍କର୍ କେନ୍ଦ୍ରୀୟ ଡାଟାବେସ୍ ତିଆର୍ ଉପ୍‌ରେ ଶ୍ରୀ ମାଣ୍ଡଭିୟ ଜୋର୍ ଦେଇଥିଲେ । ସେ କହିଛନ୍ ଯେ, ଇ କେନ୍ଦ୍ରୀୟ ଡାଟାବେସ୍ ତଥ୍ୟ ଜରିଏ ଗ୍ରୀଷ୍ମପ୍ରବାହ ପରିସ୍ଥିତିର୍ ଆକଳନ୍ ସହେତେ ଆଗୁଆ ପ୍ରତିଷେଧକ୍‌ମୂଳକ୍ ପଦକ୍ଷେପ୍ ନିଆଯାଇପାର୍‌ବା ।

ସେନ୍ତା ଭାରତୀୟ ପାଣିପାଗ୍ ବିଭାଗ୍‌ର ସତର୍କ ସୂଚ୍‌ନା ମିଲ୍‌ବାର୍‌ଖିନ୍ ଠିକ୍ ସମିଆଥି ପଦକ୍ଷେପ୍ ନେବାର୍‌କେ ଶ୍ରୀ ମାଣ୍ଡଭିୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଗ୍ରୀଷ୍ମପ୍ରବାହ

ବାବ୍‌ଦେ ଲୋକ୍‌ମାନ୍‌କୁ ଆଗୁଆ ସଚେତନ୍ କଲେ ଗମ୍ଭୀର୍ ପ୍ରଭାବ୍ କମ୍ କର୍‌ବାର୍‌ଥି ବହୁତ୍‌ଟେ ସାହାଜ୍ ହେବା ବଲି ଶ୍ରୀ ମାଣ୍ଡଭିୟ କହିଛନ୍ । ସେ ଆହୁରି କହିଛନ୍ ଯେ, ଚାଷୀ, ନିର୍ମାଣ ଶ୍ରମିକ ଆଉ ନିର୍ବାଚନ୍ କାମ୍‌ଥି ନିୟୋଜିତ ହେଇଥିବା ଲୁକେ ଝାଉ ଆର୍ ଗ୍ରୀଷ୍ମପ୍ରବାହନୁ  ରକ୍ଷା ପାଏବାର୍ ଲାଗି ପ୍ରଚୁର୍ ପିଇବାର୍ ପାଏନ୍ ନିଜର୍ ପାଖେ ରଖିବେ ।   ଝାଉ ମାର୍‌ଲେ ପାଖେ ଥିବା ସର୍‌କାରୀ ହାସ୍‌ପାତାଲ୍‌କେ ଯାଇକରି ଚିକିତ୍ସିତ୍ ହେଇପାର୍‌ବେ ବଲି ସେ କହିଛନ୍ ।

ଭୋଟ୍ ଦିନ ଛୁଟି ଘୋଷ୍‌ନା          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୪ ଟା ଖେପେ ନିର୍ବାଚନ୍ ସମିଆଥି ସର୍‌କାରୀ କାର୍ଯ୍ୟାଳୟ ଆଉ କୋର୍ଟ ବନ୍ଦ୍ ରହେବା । ଇ ବାବ୍‌ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି ହେଇଛେ । ଆଏବା ମେ ୧୩ ତାରିଖ୍ ଦିନ କଲାହାଣ୍ଡି, ନବରଙ୍ଗ୍‌ପୁର୍, ବ୍ରହ୍ମପୁର ଆର୍ କୋରାପୁଟ୍ ନ ପହେଲା ଖେପେ ଭୋଟ୍ ହେବା । ମେ ୨୦ ତାରିଖ୍ ଦିନ ବର୍‌ଗଡ୍, ସୁନ୍ଦର୍‌ଗଡ୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା, ମେ ୨୫ ତାରିଖ୍ ଦିନ ସମ୍ବଲ୍‌ପୁର୍, କେନ୍ଦୁଝର୍, ଢେଙ୍କାନାଲ୍, କଟକ୍, ପୁରୀ ଆର୍

ଭୁବ୍‌ନେଶ୍ୱର୍ ନ ଭୋଟ୍ ହେବା । ଜୁନ୍ ୧ ତାରିଖ୍ ଦିନ ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ନ ଭୋଟ୍ ହେବା । ଇ ଦିନ୍ ମାନ୍‌କେ ସବୁ ସର୍‌କାରୀ କାର୍ଯ୍ୟାଳୟ ବନ୍ଦ୍ ରହେବା ବଲି ସୂଚ୍‌ନା ମିଲିଛେ ।

ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର                 ଆର୍‌ଏନ୍‌ୟୁ / ସମ୍ବଲପୁର

ଭଦ୍ରକ୍ ଜିଲ୍ଲାର୍ ଧାମ୍‌ରା ପାଖର କଲାମ୍ ଦ୍ୱୀପର୍ ୪ ନମ୍ବର୍ ଲଂଚ୍ ପେଡ୍ ନୁ ଗଲାକାଏଲ୍ ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷଣ କରାଯାଇଛେ । ଇ କ୍ଷେପଣାସ୍ତ୍ରର୍ ଲକ୍ଷ୍ୟଭେଦ ଦୂରତା ୧ ହଜାର୍ କିଲୋମିଟର୍ ଭିତ୍‌ରେ ସୀମିତ୍ ରହିଛେ ବଲି ଜନାପଡ଼ିଛେ । ଭୂଇଁନୁ ଭୂଇଁକେ ନିକ୍ଷେପ୍ କରାଯିବାର୍‌କେ ଥିବା ଇ କ୍ଷେପଣାସ୍ତ୍ରଥି ୧ ହଜାର୍ କେଜି ପାରମ୍ପରିକ ଆଉ ଆଣବିକ ଯୁଦ୍ଧାସ୍ତ୍ର ବହନ୍ କର୍‌ବାର୍ କ୍ଷମତା ରହିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଅଗ୍ନି-୪ କ୍ଷେପଣାସ୍ତ୍ରର୍ ଲକ୍ଷ୍ୟଭେଦ ଦୂରତା ୪ ହଜାର୍ କିଲୋମିଟର୍ ଆଉ ଅଗ୍ନି-୫ କ୍ଷେପଣାସ୍ତ୍ରର୍ ର ଲକ୍ଷ୍ୟଭେଦ ଦୂରତା ୫ହଜାର୍ କିଲୋମିଟର୍

ହେଇଥିବାର୍ ବେଲେ ଇ ଦୁହି କ୍ଷେପଣାସ୍ତ୍ରର୍ ଜ୍ଞାନ୍‌କୌଶଲ୍‌ଥି ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର ତିଆର୍ କରାଯାଇଛେ ।

ଲୋକ୍‌ସଭା ନିର୍ବାଚନ୍ ଦ୍ୱିତୀୟ ପର୍ଯ୍ୟାୟ- ବିଜ୍ଞପ୍ତି/ଆର୍‌ଏନ୍‌ୟୁ/କଟକ୍

ଲୋକ୍‌ସଭା ନିର୍ବାଚନ୍ ର ଦୁଇ ନମ୍ବର୍ ଖେପ୍ ଲାଗି ଆଏଜ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ଆଏ । ଇ ଖେପେ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ଆର୍ ଆଉଟର୍ ମଣିପୁର୍ ଆସନ୍ ସହେତେ ৮৮ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । କେରଳର ୨୦ ଟା ଆସନ୍, କର୍ଣ୍ଣାଟକ୍‌ର ୧୪ ଟା, ରାଜସ୍ଥାନ୍‌ର ୧୩ ଟା, ଉତର୍‌ପ୍ରଦେଶ୍ ଆଉ ମହାରାଷ୍ଟ୍ରର ৮ ଟା ଲେଖା, ମଧ୍ୟପ୍ରଦେଶ୍‌ର ୭ ଟା, ଆସାମ୍ ଆଉ ବିହାର୍‌ର ୫ ଟା ଲେଖା, ପଶ୍ଚିମବଙ୍ଗ୍, ଛତିଶ୍‌ଗଡ଼୍ ର ୩ ଟା ଲେଖା ଆଉ ମଣିପୁର୍, ତ୍ରିପୁରା ଆଉ ଜାମ୍ମୁ କାଶ୍ମୀର୍‌ର ଗୁଟେ ଲେଖା ଆସନ୍ ନ ଭୋଟ୍ ହେବା । ଇ ଖେପେ ଆଏବା ୨୬ ତାରିଖ୍ ଦିନ ଭୋଟ୍ ହେବା । ଜାମ୍ମୁ କାଶ୍ମୀର୍‌କେ ଛାଡ଼ିକରି ଆଏବା କାଏଲ୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍‌ର ନାମାଙ୍କନ୍‌ର ଯାଂଚ୍

ହେବା । ହେଲେ ଜାମ୍ମୁ କାଶ୍ମୀର୍ ନ ୬ ତାରିଖ୍‌ଦିନ ନାମାଙ୍କନ ଯାଂଚ୍ କରାଯିବା ।

ଯକୃତ ପ୍ରତିରୋପଣ ଆର୍‌ଏନ୍‌ୟୁ/ କଟକ୍

କଟକ୍‌ର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ଆଉ ହାସ୍‌ପାତାଲ୍ ନ ଗଲାକାଏଲ୍ ଯକୃତ ପ୍ରତିରୋପଣ ସଫଲତାର୍ ସହେତେ ହେଇଯାଇଛେ । ହାଇଦ୍ରାବାଦ୍‌ର ଏସୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗେଷ୍ଟ୍ରୋଏଂଟ୍ରୋଲୋଜି - ଏଆଇଜି ହସ୍ପିଟାଲ୍‌ର ବିଶେଷଜ୍ଞଙ୍କର୍ ଦେଖ୍‌ରେଖ୍‌ଥି ଯକୃତ ପ୍ରତିରୋପଣ କରାଯାଇଛେ ବଲି ଏସ୍‌ସିବିର ପ୍ରଫେସର୍ ସୁଧାଂଶୁ ଶେଖର ମିଶ୍ର କହିଛନ୍ ।

ଜିଏମ୍‌ୟୁ -ସର୍ବେକ୍ଷଣ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଢ଼ାଖୋଲ୍ ଇଲାକାର୍ ଇତିହାସ୍‌କେ ଲୁକ୍‌କର୍ ନଜର୍‌କେ ଆନ୍‌ବାର୍ ଲାଗି ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ ଇତିହାସ୍ ବିଭାଗ୍ ବୈଜ୍ଞାନିକ୍ ପଦ୍ଧତିଥି ସର୍ବେକ୍ଷଣ୍ କାମ୍ ମୁଲ୍ କରିଛେ । ବିଭାଗୀୟ ମୁଖ୍ୟ ଡକ୍ଟର୍ ଅତୁଲ୍ କୁମାର୍ ପ୍ରଧାନ୍‌ଙ୍କର୍ ଦେଖ୍‌ରେଖ୍‌ଥି ପହେଲା ଖେପେ

ରେଢ଼ାଖୋଲ୍ ଉପଖଣ୍ଡର  ବିଜାଗଡ଼୍, ଖୋଲ୍‌ଗଡ଼୍, ପୁରୁଣାଗଡ଼ ଆର୍ ଝଡ଼େଶ୍ୱର ମନ୍ଦିର୍ ବାଗିର୍ ପ୍ରମୁଖ ଜାଗା ନ ସର୍ବେକ୍ଷଣ୍ କରିଥିଲେ । ସର୍ବେକ୍ଷଣ୍ ସମିଆଥି ସେନୁ ପ୍ରସ୍ତର୍ ଯୁଗର ହାଡ୍‌ତିଆରି ଅସ୍ତ୍ରଶସ୍ତ୍ର, ମାଟିର୍ ହାଁଡି, ମାଠିଆ, ମାଲି, ଲୁହା ବନାବାର୍ ଲାଗି ଥିବା ସାମାନ୍ ମିଲିଛେ । ପ୍ରାଚୀନ୍ ନଗରର ଅବଶେଷ, ପ୍ରାଚୀନ୍ ପଥର୍, ଇଟା ସବୁ ମିଲିଛେ । କେରାଣ୍ଡି ସୁରୁବାଲି ଜୋର୍ ଆଉ ଟିକିରା ନଦୀ ଖଁଡ଼ି ନ ବହୁତ୍‌ଟେ ପ୍ରାଚୀନ ଜନବସତିର ଅବଶେଷ ମିଲିଛେ ।

ସମ୍ବଲ୍‌ପୁର୍ -ସ୍କୁଲ୍ ସମୟ ବଦ୍‌ଲି     ସମ୍ବଲ୍‌ପୁର୍ ସମ୍ବାଦଦାତା

ଖରାକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ଜିଲ୍ଲା ନ ସ୍କୁଲ୍ ସମିଆ ଆଉ ଶ୍ରମିକ୍ ମାନ୍‌କର୍ କାମ୍ କର୍‌ବାର୍ ସମିଆକେ ଜିଲ୍ଲାପାଲ୍ ଅଗ୍ରୱାଲ୍ ଅକ୍ଷୟ ସୁନୀଲ୍ ବଦ୍‌ଲାବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଜିଲ୍ଲାଥି ସବୁ ସର୍‌କାରୀ ଆଉ ବେସର୍‌କାରୀ ସ୍କୁଲ୍ ସାଢ଼େ ୬ ନୁ ସାଢ଼େ ୧୦ ତକ୍ ଖୁଲାରହେବା । ସେନ୍ତା ଶ୍ରମିକ୍‌ମାନେ ୧୧ ବଜେନୁ ସାଢ଼େ ୩ ବଜେତକ୍ କାମ୍ କର୍‌ବାର୍ ଉପ୍‌ରେ କଟ୍‌କନା ଲଗାଯାଇଛେ । ଇତାର୍‌ସହେତେ ହସ୍ପିଟାଲ୍‌ମାନ୍‌କେ ଅଂଶୁଘାତ୍ ୱାର୍ଡ଼ ଖୁଲ୍‌ବାର୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ । ପାନିର୍ ଅଭାବ୍

ଥିବା ଇଲାକା ମାନ୍‌କେ ଟେଙ୍କର୍ ଜରିଏ ଜଲ୍‌ଛର୍ ଆର୍ ପିଇବାର୍ ପାଏନ୍ ଯୁଗାବାର୍ ଲାଗି ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା ୬ ତାରିଖ୍‌ତକ୍ ଗ୍ରୀଷ୍ମପ୍ରବାହ ରହେବା ଆଉ ୨ ଦିନେ ତାପମାତ୍ରା ଆହୁରି ୩ ଡିଗ୍ରୀ ସେଲ୍‌ସିଅସ୍ ବଢ଼୍‌ବା । ୭ ତାରିଖ୍‌ନୁ ତାତିନୁ ସାମାଏନ୍ ନିସ୍ତାର୍ ମିଲ୍‌ବାର୍ ସମ୍ଭାବନା ରହିଛେ । ଉତର୍ ଆଉ ଦକ୍ଷିଣ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ପୂର୍ବାନୁମାନ୍ କରିଛେ । ଆଏଜ୍ ବଲାଙ୍ଗିର୍, କଲାହାଣ୍ଡି, ବୌଦ୍ଧ ଆର୍ କନ୍ଧମାଲ୍ ଜିଲ୍ଲା ନ ଗରମ୍ ରହେବା । ଗଲାକାଏଲ୍ ବୌଦ୍ଧ ନ ସବୁନୁ ଜହ ତାପମାତ୍ରା ୪୧ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ଥିଲା । ଟିଟିଲାଗଡ଼୍ ଆର୍ ବଲାଙ୍ଗିର୍ ନ ୪୧ ଦଶ୍‌ମିକ୍ ୫, ଭବାନୀପାଟ୍‌ନା ୪୧, ଝାର୍‌ସୁଗୁଡ଼ା ନ ୪୦ ଦଶ୍‌ମିକ୍ ୮ ଆର୍ ସମ୍ବଲ୍‌ପୁର୍ ନ ୪୦ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ତାପମାତ୍ରା ରେକର୍ଡ଼ କରାଯାଇଥିଲା ।